# ଜିଆ ଚାଷ ଓ ଜିଆ ଖତ ପ୍ରସ୍ତୁତି

ଜିଆ କୃଷକର ବନ୍ଧୁ ରୂପେ ପରିଚିତ । ରାସାୟନିକ ସାରର ବ୍ୟବହାର ଯେତେବେଳେ ଜମିରେ ହେଉ ନ ଥିଲା କେବଳ ଖତ ବ୍ୟବହାର କରି ଫସଲ ଉତ୍ପାଦନ କରାଯାଉଥିଲା ସେତେବେଳେ ଜମିରେ ବହୁତ ଜିଆ ରହୁଥିଲେ ଓ ସେମାନେ ମାଟିର ଉର୍ବରତା ରକ୍ଷା କରୁଥିଲେ । ମାଟିର ଭୌତିକ ଗୁଣ ଓ ଉର୍ବରତା ସହିତ ଫସଲ ଅମଳର ସ୍ଥିରତା ରହୁଥିଲା । ମୃତ୍ତିକା ପରୀକ୍ଷାରୁ ଜଣାପଡ଼ିଛି ଯେ- ଆମ ରାଜ୍ୟର ଅଧିକାଂଶ ଅଂଚଳର ମାଟିରେ ଜୈବିକ ଅଙ୍ଗାରକ ଅଂଶ ପ୍ରାୟ ଶତକଡ଼ା ୦.୩ରୁ ୦.୫ ଭାଗ ମଧ୍ୟରେ ରହୁଛି, ଯାହାକି ବହୁତ୍ କମ୍ ପରିମାଣର । ବିନା ମୃତ୍ତିକା ପରୀକ୍ଷାରେ ଅସମାନୁପାତିକ ସାର ପ୍ରୟୋଗ ଦ୍ୱାରା ଏହି ମାଟିରେ ଥିବା ଜୈବିକ ଅଂଶ କମ୍ ରହିବା ସହ ସାହାଯ୍ୟକାରୀ ଜୀବ ଓ ଜୀବାଣୁମାନଙ୍କର କ୍ଷତି ଘଟାଇବା ହେତୁ ମାଟିର ଭୌତିକ ଗୁଣ ହ୍ରାସ ଓ ଜଳଧାରଣ ଶକ୍ତିର ଅଧୋଗତି ହୋଇଅଛି । ବର୍ତ୍ତମାନ ଚାଷ ଜମିରେ ଜିଆ ସଂଖ୍ୟା ପ୍ରାୟତଃ ଲୋପ ପାଇବାକୁ ବସିଲାଣି । ଏହି ପରିପ୍ରେକ୍ଷୀରେ ମୃତ୍ତିକାରେ ସେମାନଙ୍କ ବଂଶବୃଦ୍ଧି ନିହାତି ଆବଶ୍ୟକ । ଏହି ଜିଆ ମାନଙ୍କୁ ଉପଯୋଗ କରି ଆମେ ଉନ୍ନତମାନର ଜିଆ ଖତ ପ୍ରସ୍ତୁତ କରି ଜମିରେ ପ୍ରୟୋଗ କଲେ ସେମାନଙ୍କର ସଂଖ୍ୟା ବଢ଼ିବା ସହିତ ମାଟିର ଉର୍ବରତା ବୃଦ୍ଧି ହେବ ।

**ଜିଆର ଉପକାରିତା :-** (୧) ଜିଆ ମାଟିକୁ ଛୋଟ ଛୋଟ କରି ଖାଇବା ଦ୍ୱାରା ବଡ଼ ବଡ଼ ଖଣ୍ଡ ଗୁଡ଼ିକ କ୍ଷୁଦ୍ର ଅଂଶରେ ପରିଣତ ହୋଇଥାଏ, ଯାହାକି ପ୍ରାକୃତିକ ଉପାୟରେ ହେବାକୁ ଥିବା ଶହ ଶହ ବର୍ଷ ଲାଗିଥାନ୍ତା । କ୍ଷୁଦ୍ର ଆକାରର ହୋଇଯିବାରୁ ଏଥିରେ ଥିବା ଖାଦ୍ୟ ପଦାର୍ଥ ଗଛକୁ ସହଜରେ ଉପଲବ୍ଧ ହୋଇଥାଏ ।

(୨) ଜିଆ ଚଳାଚଳ ପାଇଁ ମାଟିରେ ବାଟ କରିଥାଏ । ଯାହାଦ୍ୱାରା ମୃତ୍ତିକା ହାଲୁକା ହୁଏ ଏବଂ ସୁବିଧାରେ ବାୟୁ ଚଳାଚଳ କରି ଫସଲର ଉତ୍ପାଦନ ବୃଦ୍ଧି କରେ ।

(୩) ଜିଆ ମଳ ଏକ ଉନ୍ନତ ଖତସାର ଅଟେ । ଏଥିରେ ମାଟି ଅପେକ୍ଷା ୫ ଗୁଣ ଅଧିକ ଯବକ୍ଷାରଜାନ, ୭ ଗୁଣ ଫସଫରସ, ୧୧ ଗୁଣ ପଟାସ୍, ୨ ଗୁଣ କ୍ୟାଲସିୟମ୍, ୨ ଗୁଣ ମ୍ୟାଗନେସିୟମ୍ ଅଧିକ ଥାଏ । ଏହି ସହିତ ଅନେକ ପ୍ରକାରର ଆମିନୋ ଅମ୍ଳ, ଭିଟାମିନ୍, ହରମୋନ୍ ଇତ୍ୟାଦି ରହିଥାଏ ଯାହାକି ମଞ୍ଜିରୁ ଶୀଘ୍ର ଅଙ୍କୁରୋଦଗମ୍ ହେବାରେ ସାହାଯ୍ୟ କରିବା ସହ ଗଛର ବୃଦ୍ଧିକୁ ମଧ୍ୟ ଦୃତ କରିଥାନ୍ତି ।

(୪) ଅମ୍ଳମାଟିକୁ ଜିଆ ଶୋଧନ କରେ ।

(୫) ବିଭିନ୍ନ ପ୍ରକାର ଜିଆର ମିଶ୍ରିତ ଚାଷ ସାହାଯ୍ୟରେ ମାଟିକୁ ତଳ ଉପର କରି ଓ ମାଟିର ଉର୍ବରତା ବଢ଼ାଇବା ସଙ୍ଗେ ସଙ୍ଗେ କ୍ଷୟିତ ମାଟି, ଲୁଣିମାଟି କ୍ଷାରୀୟ ମାଟିକୁ ମଧ୍ୟ ସଂଶୋଧିତ କରାଯାଇ ପାରୁଛି।

(୬) ଜିଆ ପରିବେଶକୁ ପ୍ରଦୂଷଣ ମୁକ୍ତ କରେ।

(୭) ଜିଆ ମାଛ ଓ କୁକୁଡ଼ାର ଖାଦ୍ୟ ରୂପେ ବ୍ୟବହାର ହୁଏ।

(୮) ଆଣ୍ଠୁ ଗଣ୍ଠି ବାତ ଓ ଜଣ୍ଡିସ୍ ଆଦି ରୋଗର ଔଷଧ ତିଆରିରେ ବ୍ୟବହୃତ ହୁ

(୯) ଜିଆ ଚାଷକୁ ଏକ ଅର୍ଥକାରୀ ଉପାର୍ଜନ ରୂପେ ବ୍ୟବହାର କରାଯାଏ।

(୧୦) ଜିଆ ଦେହରେ ୩.୬୫ ପି.ପି.ଏମ୍. ପରିମାଣରେ ଯବକ୍ଷାରକାନ ଥିବ ସେମାନେ ମରିଯିବା ପରେ ତାହା ମାଟିକୁ ଉର୍ବର କରିଥାଏ। ଏକ ହେକ୍ଟରରେ ରହୁଥିବା ଜିଆ ୧୦୦ କେ.ଜି. ପାଖାପାଖି ଯବକ୍ଷାରଜାନ୍ ପ୍ରଦାନ କରିଥା ଏହା ବ୍ୟତୀତ ସେମାନଙ୍କ ଦେହରେ ଥିବା ଫସଫରସ, ପଟାସ୍ , ଚୂନ ମ୍ୟାଗ୍ନେସିୟମ୍ ଯାହାକି ଯଥାକ୍ରମେ ୬.୪,୩.୮,୨.୯ ଓ ୪.୯ପି.ପି.ଏମ୍. ଥା ତହା ମଧ୍ୟ ଗଛକୁ ମିଳିଥାଏ।

(୧୧) ପରୀକ୍ଷାରୁ ଦେଖାଯାଇଅଛି ଯେ, ଜିଆ ରହୁଥିବା ଜମିରେ ଫସଲ ଅନିଷ୍ଟକାରୀ ଅଣୁଜୀବ ଓ ସୂତ୍ରଜୀବଙ୍କ ସଂଖ୍ୟା କମିଯାଇଥାଏ। ତେ ପରୋକ୍ଷରେ ଏମାନେ ଗଛକୁ ବିଭିନ୍ନ ପ୍ରକାରର ରୋଗପୋକ ଦାଉରୁ ର କରିଥାନ୍ତି। ପୁଣି ମାଟିରେ ଥିବା ସାହାଯ୍ୟକାରୀ ଜୀବାଣୁ ରାଇଜୋବିୟମ୍ ଭି.ଏ.ଏମ୍.ର ବଂଶ ବଢ଼ାଇବାରେ ସାହାଯ୍ୟ କରନ୍ତି।

**ଜିଆ ଖତର ଉପକାରିତା :-** ସାଧାରଣ ଖତ ତୁଳନାରେ ଜିଆ ଖତରେ ନିମ୍ନୋକ୍ତ ସୁବିଧା ମାନ ରହିଥାଏ।

(୧) ସାଧାରଣ ଖତ ପ୍ରସ୍ତୁତି ପାଇଁ ୬ ରୁ ୯ ମାସ ସମୟ ଲାଗୁଥିବା ବେଳେ ଜି ଖତ ପ୍ରସ୍ତୁତି ୨.୫ ରୁ ୩ ମାସ ମଧ୍ୟରେ ହୋଇଥାଏ।

(୨) ସାଧାରଣ ଖତ ଅପେକ୍ଷା ଜିଆ ଖତରେ ଅଧିକ ପରିମାଣର ଖାଦ୍ୟସାର ସହି ହରମୋନ୍, ଭିଟାମିନ୍ ଇତ୍ୟାଦି ରହିଥାଏ। ଏହା ଫଳ ଓ ପନିପରିବାର ଗୁଣାତ୍ମ ମାନ ଯଥା ଉଜ୍ଜ୍ୱଳ ଦିଶିବା, ବେଶି ଖାଦ୍ୟସାର ରହିବା, ଅଧିକ ସ୍ୱାଦିଷ୍ଟ ହେବ ଓ ବେଶିଦିନ ପର୍ଯ୍ୟନ୍ତ ତାଜା ରହିପାରିବାର କ୍ଷମତା ଇତ୍ୟାଦିକୁ ବୃଦ୍ଧି କରିଥାଏ

(୩) ସାଧାରଣ ଖତରୁ ଦୁର୍ଗନ୍ଧ ସୃଷ୍ଟି ହୋଇ ପରିବେଶ ଦୂଷିତ ହେବାର ଆଶଙ୍କା ଥିବାବେଳେ ଜିଆ ଖତରେ ଏ ଭୟ ନ ଥାଏ।

(୪) ଜିଆ ଖତ ପ୍ରୟୋଗ ଦ୍ୱାରା ପତ୍ରର ଆକାର ବଢ଼ିବ। ଅଧିକ ଆଲୋକ ସଂଶ୍ଳେଷଣ ହେବା, ଠିକ୍ ସମୟରେ ଫୁଲ ଫୁଟିବା ଓ ଫଳ ନ ଝଡ଼ିବା ଓ ସର୍ବୋପରି ଅମଳ ବଢ଼ିବା ଇତ୍ୟାଦି ଲାଭ ମିଳିଥାଏ।



(୫) ଅଳିଆ ଆବର୍ଜନା ଖାଇ ପରିବେଶକୁ ପ୍ରଦୂଷଣ ମୁକ୍ତ କରନ୍ତି।

(୬) ଜିଆ ଖାଉଥିବା ଅଳିଆ ଆବର୍ଜନାର ମାତ୍ର ଶତକଡ଼ା ୧୦ ଭାଗ ନିଜର ବଞ୍ଚିବା ପାଇଁ ବ୍ୟବହାର କରିଥାନ୍ତି।

(୭) ଜିଆ ଖତରେ ଯବକ୍ଷାରକାନ ବିବନ୍ଧନ କରିପାରୁଥିବା ଅଣୁଜୀବ ଆଜୋଟୋବ୍ୟାକ୍ଟର ଓ ମାଟିରେ ବାନ୍ଧି ହୋଇ ରହିଥିବା ଫସଫରସକୁ ତରଳାଇ ପାରୁଥିବା ଫସଫୋବ୍ୟାକ୍ଟରମାନେ ରହିଥିବାରୁ ସେମାନେ ସ୍ୱାଧୀନ ଭାବେ ଜମିର ଉର୍ବରତା ବଢାଇଥାନ୍ତି।

(୮) ଜିଆ ଖତରେ ବିଭିନ୍ନ ଖାଦ୍ୟସାର ସୁଷମ ମାତ୍ରାରେ ରହିଥିବାରୁ ଗଛଗୁଡ଼ିକ ହୃଷ୍ଟପୁଷ୍ଟ ହୋଇ ପଡ଼ିଥାନ୍ତି ଓ ସେଗୁଡ଼ିକୁ ରୋଗ ପୋକ ସହଜରେ ଆକ୍ରମଣ କରିପାରେନାହିଁ।

(୯) ଜିଆ ଖତ ପ୍ରସ୍ତୁତି ସମୟରେ ଆବଶ୍ୟକତା ଠାରୁ ଅଧିକ ସଂଖ୍ୟାରେ ଜିଆ ହେଲେ କେ.ଜି. ପ୍ରତି ୫୦୦ ଟଙ୍କାରେ ବିକ୍ରି କରାଯାଇପାରିବ।

(୧୦) ଜିଆ ଖତ ତିଆରି ସମୟରେ ସେଥିରେ ଅଧିକ ପାଣି ପ୍ରୟୋଗ କରି ଓ ତାକୁ ତଳପଟେ ସଂଗ୍ରହ କରି ଗଛରେ ସିଞ୍ଚନ କଲେ ଗଛ ହୃଷ୍ଟପୁଷ୍ଟ ହେବା ସଙ୍ଗେ ସଙ୍ଗେ ଅଧିକ ଅମଳକ୍ଷମ ହୋଇଥାଏ। ଏହାକୁ ଭର୍ମି ୱାଶ୍ କୁହାଯାଏ। ୧୦ ମି.ଲି. ଭର୍ମି ୱାଶ୍ ୧ ଲିଟର ପାଣି ସହ ମିଶାଇ ସିଞ୍ଚନ କରାଯାଇଥାଏ।

**ଜିଆ ଖତ ପାଇଁ କିସମ ନିର୍ବାଚନ :-**

ମାଟି ଭିତରେ ବାସ କରୁଥିବା ଜିଆ ଏକ ଉଭୟ ଲିଙ୍ଗୀ ଅମେରୁଦଣ୍ଡୀ ପ୍ରାଣୀ। ପୂର୍ଣ୍ଣାଙ୍ଗ ଜିଆ ୧୫ରୁ ୨୦ ସେ.ମି. ଲମ୍ବ ଓ ୨୦୦ରୁ ୪୦୦ ମି.ଗ୍ରା ଓଜନର ହୋଇଥାଏ। ଏହାର ଅଣ୍ଡା ଦେଖିବାକୁ ଚିକ୍କଣ ଧନିଆ ମଞ୍ଜି ପରି। ଜିଆ ସଂଖ୍ୟା ଉପଯୁକ୍ତ ବାତାବରଣରେ ୬୫-୭୦ଦିନ ମଧ୍ୟରେ ୨୦ରୁ ୨୫ ଗୁଣ ବୃଦ୍ଧି ପାଇଥାଏ। ବିଭିନ୍ନ କିସମର ଜିଆ ଅଛନ୍ତି। ସବୁ ପ୍ରକାର ଜିଆର ଖତ ସମାନ ନୁହେଁ। ଜିଆ ଖତ ପ୍ରସ୍ତୁତିକୁ ଉନ୍ନତ ମାନର କରିବା ପାଇଁ ଏକ ଉତ୍କୃଷ୍ଟ କିସମର ଜିଆ ବାଛିବା ଉଚିତ୍।

(୧) ଅଧିକ ଜୈବ ପଦାର୍ଥ ଗଦାରେ ବଞ୍ଚି ରହିବାର କ୍ଷମତା ଥିବ।

(୨) ଖୁବ୍ କମ ସମୟରେ ଅଧିକ ପରିମାଣର ଅଳିଆକୁ ଖତରେ ପରିଣତ କରିପାରୁଥିବ।

(୩) ଶୀଘ୍ର ବଂଶବୃଦ୍ଧି କରିପାରୁଥିବ।

(୪) ରୋଗ ସହଣୀ ଶକ୍ତି ଥିବ।

(୫) ବିଭିନ୍ନ ପ୍ରକାରର ଜଟିଳ ପରିସ୍ଥିତି ସହ ଖାପଖୁଆଇ ସାମାନ୍ୟ କମ ବେଶି ଯୋଗୁଁ ବିଶେଷ ପ୍ରଭାବିତ ହେଉ ନ ଥିବ।

(୬) ସ୍ୱଳ୍ପ ବ୍ୟବଧାନରେ ଗର୍ଭଧାରଣ କ୍ଷମତା ଥିବ।

(୭) ଅନ୍ୟ ଜିଆଙ୍କ ସଙ୍ଗେ ମିଶି ରହିପାରୁଥିବ।

ଉପରୋକ୍ତ ଆବଶ୍ୟକତାଗୁଡ଼ିକୁ ଆଖି ଆଗରେ ରଖି ବର୍ତ୍ତମାନ ବିଶ୍ୱ ଚାରୋଟି କିସମ ଜିଆର ବହୁଳ ବ୍ୟବହାର କରାଯାଉଅଛି। ସେଗୁଡ଼ିକ ହେଲା -

(1) *ଏଇସିନିଆ ଫୋଏଟିଡ଼ା,* (୨) *ୟୁଡ୍ରିଲସ୍ ଇୟୁଜିନି,*
(୩) *ପେରିଓନିକ୍ସ ଏକ୍ସାଭାଟସ୍* (୪) *ଲୁମ୍ବ୍ରିକସ୍ ରୁବେଲସ୍।*

**ଜିଆ ଚାଷ :-** ଜିଆ ଖତ ଅଧିକ ପରିମାଣରେ ପ୍ରସ୍ତୁତି ପାଇଁ ଅଧିକ ସଂଖ୍ୟା ଜିଆ ଆବଶ୍ୟକ ହୋଇଥାନ୍ତି। ଏପରିକି ଏକ ବର୍ଗମିଟର ଖତଗଦା ପାଇଁ ୧୦୦ ଜିଆ ଆବଶ୍ୟକ ହୋଇଥାନ୍ତି। ତେଣୁ ଏତେ ସଂଖ୍ୟାରେ ଜିଆର ବଂଶ ବୃଦ୍ଧିପାଇଁ ଏକ କାଠ ବାକ୍ସ ବା ପ୍ଲାଷ୍ଟିକ ଟ୍ରେ ବା ସିମେଣ୍ଟ କୁଣ୍ଡ (୬୦ସେ.ମି. x ୪୫ସେ.ମି. ୨୦ ସେ.ମି) କିମ୍ବା ସିମେଣ୍ଟ ନନ୍ଦ ବ୍ୟବହାର କରାଯାଇପାରିବ। ଏହା ଭିତରେ ପ୍ରାୟ ୪ ସପ୍ତାହ ପର୍ଯ୍ୟନ୍ତ ସଢ଼ିଥିବ। ଗୋବରକୁ ୧୦ ସେ.ମି. ପର୍ଯ୍ୟନ୍ତ ବିଛାଇ ୨୦୦ରୁ ୩୦୦ ସଦ୍ୟ ଜିଆକୁ ଛାଡ଼ି ତା ଉପରେ ଏକ ଝୋଟ ଅଖା ଘୋଡ଼ାଇ ଦିଆଯାଏ। ଏଗୁଡ଼ିକୁ ଖରା ଓ ବର୍ଷା ପ୍ରକୋପରୁ ରକ୍ଷା ପାଇବା ପାଇଁ ଏକ ଚାଳିଆ ତଳେ ରଖିବା ଉଚିତ୍। ଉପଯୁକ୍ତ ଆର୍ଦ୍ରତା (ଶତକଡ଼ା ୪୦ରୁ୫୦ଭାଗ) ପାଇଲେ ଜିଆମାନେ ଖୁବ୍ ଶିଘ୍ର ବଂଶ ବୃଦ୍ଧି କରିଥାନ୍ତି। ଦୁଇମାସ ମଧ୍ୟରେ ଏହି କୁଣ୍ଡ ପ୍ରାୟ ୧ରୁ ୧.୫ କି.ଗ୍ରା. ପର୍ଯ୍ୟନ୍ତ ଜିଆ ସଂଗ୍ରହ କରାଯାଇପାରିବ। କଞ୍ଚା ଗୋବର ସଢ଼ାଇବା ସମୟରେ ସେଥିରେ କିଛି ସବୁଜପତ୍ର (୧୦:୩) କିମ୍ବା ଚୋକଡ (୧୦:୨ ମିଶାଇଲେ ବଂଶ ବୃଦ୍ଧି ଆହୁରି ଶୀଘ୍ର ହୋଇଯାଏ। କଞ୍ଚା ସଜ ଗୋବରରେ ଜିଆକୁ ଛାଡ଼ିଲେ ଜିଆମାନେ ମିରଯାଆନ୍ତି। ମୂଷା, ଜନ୍ଦା, ପିମ୍ପୁଡ଼ି, ବେଙ୍ଗ, ଯେପରି ମ ଯାଆନ୍ତି ସେଥିପ୍ରତି ଦୃଷ୍ଟିଦେବା ଆବଶ୍ୟକ।

**ଜିଆ ଖତ ପ୍ରସ୍ତୁତି :-** ଜିଆ ଦ୍ୱାରା ୧ ଟନ୍ ଜୈବିକ ପଦାର୍ଥରୁ ଅତି ଉନ୍ନତ ମାନର ୪୦୦ରୁ ୫୦୦ କି.ଗ୍ରା ଜିଆ ଖତ ୨-୩ ମାସ ମଧ୍ୟରେ ପ୍ରସ୍ତୁତ କରାଯାଇପାରିବ। ଜିଆ ଖତ ପ୍ରସ୍ତୁତି ପାଇଁ ଦରକାର ହେଉଥିବା ଉପାଦାନ ଗୁଡିକ ହେଲା -

(୧) ବର୍ଜ୍ୟ ଜୈବ ବସ୍ତୁ :- ଧାନ ଓ ଗହମ ନଡ଼ା, ଫସଲର ଅବଶିଷ୍ଟାଂଶ, କଞ୍ଚା ଓ ଶୁଖିଲା ପତ୍ର, ପନିପରିବା ଚୋପା, ବାସଗୃହର ଜୈବିକ ଅଦରକାରୀ ପଦାର୍ଥ ଯଥା କାଗଜ, କନା, ପୁରୁଣା ଲୁଗା ଇତ୍ୟାଦି ଗାଈ ଗୁହାଳର ନଡ଼ା, କୁଟା, ଗୋବର, ଗୋମୂତ୍ର ଇତ୍ୟାଦି, କଳକାରଖାନାର ଜୈବିକ ବର୍ଜ୍ୟବସ୍ତୁ ଯଥା - ନଡ଼ିଆ କତା ଗୁଣ୍ଡ, ଚିନିକଳ ମଇଳା, ନାଳ ନର୍ଦ୍ଦମାର ବର୍ଜ୍ୟବସ୍ତୁ ଇତ୍ୟାଦି ଖତ ତିଆରି ପାଇଁ ଉପଯୁକ୍ତ। ବର୍ଜ୍ୟ ଜୈବବସ୍ତୁ ମଧ୍ୟରୁ କାଚ, ପଥର, ପଲିଥିନ ପ୍ଲାଷ୍ଟିକ୍ ଜାତୀୟ ପଦାର୍ଥ ବାହାର କରିଦେବା ଉଚିତ୍। ଫସଲର ବଡ଼ ବଡ଼ ଖଣ୍ଡ ଅବଶିଷ୍ଟାଂଶକୁ ଛୋଟ ଛୋଟ ଖଣ୍ଡ କରିଦେବା ଉଚିତ୍।



(୨) ସିମେଣ୍ଟ କୁଣ୍ଡ :- ବର୍ଜ୍ୟବସ୍ତୁର ପରିମାଣ ଓ ସୁଲଭତା ଅନୁସାରେ ବିଭିନ୍ନ ଆକାରର କୁଣ୍ଡ ନିଆଯାଇପାରିବ। ସାଧାରଣ ଭାବେ ଜିଆ ଖତ ପ୍ରସ୍ତୁତି ପାଇଁ ୨ମିx୧ମିx୦.୭୫ମି. ଆୟତନ ବିଶିଷ୍ଟ ଏକ ସିମେଣ୍ଟ ଓ ଇଟା କୁଣ୍ଡର ତଳ ଚଟାଣରେ ୫ ସେ.ମି. ବହଳର ଭଙ୍ଗା ଇଟା ଓ ବାଲି ବିଛାଇ ଦିଆଯାଏ। ଏହି କୁଣ୍ଡଟିକୁ ଏକ ଚାଳିଆ ତଳେ ରଖାଯିବା ଉଚିତ୍।

(୩) ଖତ ଉପଯୋଗୀ ଜିଆ - କମ୍ପୋଷ୍ଟ ପ୍ରସ୍ତୁତି ପାଇଁ ଉପଯୋଗୀ ଜିଆଗୁଡ଼ିକ ହେଲେ- *ଏଇସେନିଆ ଫୋଏଟିଡ଼ା, ଇଉଡ୍ରିଲସ୍ ଇୟୁଜିନି, ପେରିଓନିକ୍ସ ଏକ୍ସାଭାଟସ, ଲୁମ୍ବ୍ରିକସ୍ ରୁବେଲସ୍* ।

**ପ୍ରସ୍ତୁତି ପ୍ରଣାଳୀ :-** ଜିଆ ଖତ ପ୍ରସ୍ତୁତି ପାଇଁ ସାଧାରଣ ଭାବେ ଦରସଢ଼ା ଜୈବ ପଦାର୍ଥ ବ୍ୟବହାର କରାଯାଏ। ଅଳିଆକୁ ଅଧାସଢ଼ା କରିବା ପାଇଁ ଅନ୍ୟ ଏକ କୁଣ୍ଡ କିମ୍ବା ବାହାରେ ଏକ ଖାତର ବ୍ୟବହାର କରାଯାଇପାରେ। ଏଥିପାଇଁ ଅଳିଆକୁ ଏକ ମାସ ପର୍ଯ୍ୟନ୍ତ ବାହାରେ କଞ୍ଚା ଗୋବର ସହ ୧୦:୩ ଅନୁପାତରେ ମିଶାଇ ଗଦେଇ ଦିଆଯାଏ ଓ ତାର ଆର୍ଦ୍ରତା ଶତକଡ଼ା ୫୦-୬୦ଭାଗ ମଧ୍ୟରେ ରଖାଯାଏ। ଅଳିଆକୁ ୧୫ ସେ.ମି. ବହଳର ସ୍ତର ସ୍ତର କରି ପ୍ରତି ସ୍ତର ଉପରେ ୫ ସେ.ମିର କଞ୍ଚା ଗୋବରର ଏକ ସ୍ତର ଦିଆଯାଏ। ସବା ଉପର ସ୍ତରରେ ଗୋବର ଏବଂ ମାଟିର ପ୍ରାୟ ୨ ସେ.ମି. ବହଳର ଏକ ଲେପ ଦିଆଯାଏ।

ଜିଆଖତ ପ୍ରସ୍ତୁତି କୁଣ୍ଡର ତଳ ଭାଗରେ ୫ ସେ.ମି. ବହଳର ଭଙ୍ଗା ଇଟା ଓ ବାଲି ସ୍ତର ଦେବାକୁ ହୋଇଥାଏ। ଏହା କୁଣ୍ଡରେ ଅଧିକ ପାଣି ହେଲେ ସହଜରେ ବାହାରିଯିବା ପାଇଁ ସାହାଯ୍ୟ କରିଥାଏ। ଏହା ଉପରେ ୫ ସେ.ମି. ବହଳର ଅଳ୍ପ ଆର୍ଦ୍ରତା ଥିବା ସଢ଼ା ଗୋବର ଖତ ମିଶା ମାଟି ପକାଇ ଦିଆଯାଏ ସଢ଼ା ଗୋବର ଖତ ବଦଳରେ ଶୁଖିଲା ଗୋବର କୁଣ୍ଡ, ଗୋବର ଗ୍ୟାସ୍ ପ୍ଲାଣ୍ଟରୁ ବାହାରିଥିବା ସ୍ଲରି ଏପରିକି ଜିଆ କମ୍ପୋଷ୍ଟ ମଧ୍ୟ ବ୍ୟବହାର କରିହେବ। ଏହି ସ୍ତରକୁ ଜିଆଶଯ୍ୟା କୁହାଯାଏ। ଜିଆ ଥିବା ବେଳେ ଉପରପଟୁ କିଛି ଅସୁବିଧା ସୃଷ୍ଟି ହେଲେ ଜିଆମାନେ ଏଠାରେ ଆଶ୍ରୟ ନେଇଥାନ୍ତି। ଉଦାହରଣ ସ୍ୱରୂପ - ଉପର ପଟେ ଥିବା ଅଳିଆ ଯଦି ଠିକ୍ ଭାବରେ ଅଧା ସଢ଼ି ନ ଥିବ ତେବେ ସେଥିରୁ ଉତ୍ତାପ (୫୦°ରୁ ୫୫°ସେ) ବାହାରିବାରୁ ଜିଆମାନେ ସହିପାରିବେନି ଓ କିଛି ସମୟ ପାଇଁ ଜିଆଶଯ୍ୟାକୁ ଚାଲିଯିବେ। ଅବଶ୍ୟ ଏପରି ହେବାକୁ ନ ଦେବା ଉଚିତ୍। କାରଣ ଏହି ଉତ୍ତାପ ବେଶି ଦିନ ରହିଲେ ଜିଆମାନେ ମରିଯାଇପାରନ୍ତି। ଏପରି ହେବାର ସମ୍ଭାବନା ଥିଲେ ତୁରନ୍ତ ଗଦାଟିକୁ ଓଲଟ ପାଲଟ କରିଦେବା ଭଲ। ବର୍ତ୍ତମାନ ତୃତୀୟ ସ୍ତର ଅର୍ଥାତ୍ ଜିଆଶଯ୍ୟା ଉପର ସ୍ତରରେ ଦରସଢ଼ା ହୋଇଥିବା ଅଳିଆକୁ ୧୫ ସେ.ମି.ର ସ୍ତର ସ୍ତର କରି କୁଣ୍ଡଟିକୁ

ଭର୍ତ୍ତି କରାଯାଏ। ପ୍ରତି ସ୍ତର ଉପରେ କିଛି ମାଟି ପକାଇ ଗୋବର ପାଣି ସିଞ୍ଚନ କରାଯାଏ। ଗୋବର ପାଣି ସହିତ ୧୦୦ଗ୍ରା. ନିମ୍ବ ପିଡ଼ିଆ ଦେଲେ ଖତ ଉନ୍ନତ ମାର୍ ହେବା ସଙ୍ଗେ ସଙ୍ଗେ ଜିଆଙ୍କୁ ପିମ୍ପୁଡ଼ି ଓ କନ୍ଦାଙ୍କ ଦାଉରୁ ରକ୍ଷା ମିଳିଥାଏ। ଏହିପରି ୪ଟି ସ୍ତର ଅଳିଆ ପକାଇ ଶେଷ ସ୍ତର ଉପରେ କିଛି ଗୋବର ଖତ ବିଛାଇ ତା ଉପରେ ୧-୧.୫ କି.ଗ୍ରା (୧୦୦୦ରୁ ୧୫୦୦) ସଦ୍ୟ ଖତ ଉପଯୋଗୀ ଜିଆଙ୍କୁ ଅଳିଆର ଉପରି ଭାଗରେ ଛାଡ଼ି ଦିଆଯାଏ। ସେହି ସମୟରେ ଅଳିଆ ଗଦାର ଉତ୍ତାପ ୨୫°ରୁ୩୦°ସେ. ଥିବା ଉଚିତ୍। ଜିଆଙ୍କୁ ଛାଡ଼ି ତା ଉପରେ ଏକ ଛୋଟ ଅଖାକୁ ଦୁଇ ପ୍ରସ୍ତ କରି ଘୋଡ଼ାଇ ଦିଆଯାଏ। ଜିଆ ଛାଡ଼ିବା ପରେ କୁଣ୍ଡରେ ଥିବା ଅଳିଆର ଜଳୀୟ ଅଂଶ ଶତକଡ଼ା ୫୦-୬୦ ଭାଗ ରହିବା ଉଚିତ୍। କାରଣ-ଜିଆଙ୍କ ଆର୍ଦ୍ରଯୁକ୍ତ ଚର୍ମରେ ଶ୍ୱାସକ୍ରିୟା ସମ୍ଭବ ହୋଇଥାଏ। ଜଳ ଅଧିକ କିମ୍ବା କମ ହେଲେ ଶ୍ୱାସକ୍ରିୟା ବାଧାପ୍ରାପ୍ତ ହୁଏ। କମ୍ପୋଷ୍ଟ ତିଆରି ଆରମ୍ଭ ହୋଇଛି କି ନାହିଁ ଅଖା ଉଠାଇ ଉପରସ୍ତରରୁ ୨ ସପ୍ତାହ ପରେ ଦେଖିହେବ। ଅଳିଆକୁ ସଂପୂର୍ଣ୍ଣ କମ୍ପୋଷ୍ଟରେ ପରିଣତ ହେବା ପାଇଁ ପ୍ରାୟ ୧.୫-୨ ମାସ ସମୟ ଲାଗିଥାଏ। ଏହିପରି ଭାବରେ ସମୁଦାୟ ଭାବେ ଦେଖିବାକୁ ଗଲେ ଅଳିଆର୍ କମ୍ପୋଷ୍ଟ ତିଆରି ହେବାପାଇଁ ୨.୫ ରୁ ୩ ମାସ ସମୟ ଲାଗିଥାଏ।

ଜିଆ ଖତ ପ୍ରସ୍ତୁତି ପାଇଁ ନିରନ୍ତର ପଦ୍ଧତି ବୋଲି ଆଉ ଏକ ପ୍ରଣାଳୀ ଅବଲମ୍ବନ କରାଯାଇପାରେ। ଖତ ପ୍ରସ୍ତୁତି ପାଇଁ ୨ଟି କିମ୍ବା ୪ଟି କୁଣ୍ଡ ଲଗାଲଗି କରି ତିଆରି କରି ପ୍ରତି କୁଣ୍ଡ ମଝି କାନ୍ଥରେ ୬-୮ଟି କଣାମାନ କରାଯାଏ। ପ୍ରଥମ କୁଣ୍ଡରେ ଉପର ବର୍ଣ୍ଣିତ ଉପାୟରେ ପ୍ରଥମେ ଅଧାସଢ଼ା ଅଳିଆରେ ଆବଶ୍ୟକ ପରିମାଣର ଜିଆ ଛାଡ଼ି ଉପଯୁକ୍ତ ବାତାବରଣରେ ସଢ଼ିବାକୁ ଦିଆଯାଏ। ୨ ମାସ ପର୍ଯ୍ୟନ୍ତ କାନ୍ଥର କଣାକୁ ବନ୍ଦ କରି ରଖାଯାଏ। ଦ୍ୱିତୀୟ କୁଣ୍ଡରେ ଅଧାସଢ଼ା ଅଳିଆର ଖତ ପ୍ରସ୍ତୁତି ପାଇଁ ୨ଟି କୁଣ୍ଡ ମଧ୍ୟରେ ଥିବା କଣାଗୁଡ଼ିକ ଖୋଲି ଦିଆଯାଏ। ପ୍ରଥମ କୁଣ୍ଡରେ ଖତ ଅମଳର ୪-୫ ଦିନ ପୂର୍ବରୁ ପାଣି ଦେଖା ବନ୍ଦ କରିଦେଲେ ପ୍ରତିକୂଳ ଅବସ୍ଥା ଯୋଗୁଁ ଜିଆମାନେ ଆପେ ଆପେ ଦ୍ୱିତୀୟ କୁଣ୍ଡକୁ ଚାଲିଯାଆନ୍ତି ଓ ସେଠାରେ କମ୍ପୋଷ୍ଟ ତିଆରିରେ ଲାଗିପଡ଼ନ୍ତି। ଏହିପରି ଦ୍ୱିତୀୟ କୁଣ୍ଡରୁ ଅମଳ ପୂର୍ବରୁ ଜିଆମାନେ ତୃତୀୟ କୁଣ୍ଡକୁ କିମ୍ବା ପୁନର୍ବାର ପ୍ରଥମ କୁଣ୍ଡକୁ ଅନୁକୂଳ ଅବସ୍ଥାରେ ଅଣାଯାଇପାରନ୍ତି। ଏହାଦ୍ୱାରା ଖତ ଅମଳ ସମୟରେ ଜିଆ ଆଘାତ ପ୍ରାପ୍ତ ହୋଇ ନ ଥାନ୍ତି।

ବାହାରେ ଅଳିଆ ସଢ଼ାଇ ଗୋଟିଏ କୁଣ୍ଡରୁ ଆମେ ୪ ଥର ଜିଆଖତ ପ୍ରସ୍ତୁତି କରିପାରିବା। ୨ମି. x୧ମି x ୦.୭୫ମି. ଆୟତନର ଗୋଟିଏ କୁଣ୍ଡରେ ଆମେ ଥରକୁ ଥର ୨.୫ କ୍ୱିଣ୍ଟାଲ୍ ଜିଆଖତ ପ୍ରସ୍ତୁତ କରିପାରିବା।



ଏହା ବ୍ୟତୀତ ଆମେ ମାଟି ଖୋଳି କୁଣ୍ଡ ମଧ୍ୟ ପ୍ରସ୍ତୁତ କରିପାରିବା। କୌଣସି ପ୍ରକାର କୁଣ୍ଡ ନ କରି ସିମେଣ୍ଟ ଚଟାଣ ଉପରେ ମଧ୍ୟ ଅଳିଆକୁ ସ୍ତର ସ୍ତର କରି ଜିଆ ଖତ ପ୍ରସ୍ତୁତ କରାଯାଇପାରିବ।

**ଜିଆଖତ ଅମଳ :-** ଖତ ବା କମ୍ପୋଷ୍ଟ ତିଆରି ସଂପୂର୍ଣ୍ଣ ହେବା ବେଳକୁ ଏହା ଏକ ଗାଢ଼ ଚା ରଙ୍ଗ ଧାରଣ କରିଥାଏ। ଏହା ହାଲକା ଓ ଗନ୍ଧହୀନ ହୁଏ। କୁଣ୍ଡର ଉପର ଅଂଶରେ କେବଳ ଜିଆର ମଳ ଦେଖିବାକୁ ମିଳେ ଓ ଜିଆମାନେ ଉପର ଭାଗରୁ ଅଳ୍ପ ଗଭୀରରେ ରହିଥାନ୍ତି। ଉପର ସ୍ତରର ଅଖାକୁ ଟେକିଦେଲେ ଜିଆମାନେ ଅଖାରେ ଲାଗିଥିବାର ମଧ୍ୟ ଦେଖାଯାଆନ୍ତି। ଏହା କମ୍ପୋଷ୍ଟ ଅମଳର ଉତ୍କୃଷ୍ଟ ସମୟ। କମ୍ପୋଷ୍ଟ ଅମଳ କରିବାକୁ ହେଲେ ଜିଆମାନଙ୍କୁ ଅଲଗା କରିବା ପାଇଁ ୩-୪ ଦିନ ପୂର୍ବରୁ ପାଣି ଦେବା ବନ୍ଦ କରି ଦିଆଯାଏ। ଏହା ଫଳରେ ଜିଆମାନେ ପାଣି ନ ପାଇ ତଳକୁ ଚାଲିଯାଆନ୍ତି। ଏଥର ଉପରୁ କମ୍ପୋଷ୍ଟ ସଂଗ୍ରହ କରି ତାକୁ ଦେଉଳିଆ କରି ସକାଳର ସ୍ୱଳ୍ପ ଖରା ପଡୁଥିବା ସ୍ଥାନରେ ୨ରୁ ୩ ଘଣ୍ଟା ରଖାଯାଏ। ଏହାଦ୍ୱାରା ଏଥିରେ ରହିଯାଇଥିବା ଜିଆଗୁଡ଼ିକ ତଳ ଆଡ଼କୁ ଚାଲିଯିବେ ଓ ମଝିଅଂଶରେ ପେଣ୍ଡୁ ଆକାରରେ ଏକାଠି ହୋଇଯିବେ। ଏବେ ଉପରୁ କମ୍ପୋଷ୍ଟ ସଂଗ୍ରହ କରି ୨-୩ ଦିନ ପାଇଁ ଛାଇରେ ଶୁଖାଇ ଓଜନ କରି ପଲିଥିନ୍ ମୁଣାରେ ବନ୍ଦ କରି ରଖାଯାଏ। ଅବଶ୍ୟ ପ୍ୟାକିଂ କରିବା ପୂର୍ବରୁ ଏହାକୁ ୨ କିମ୍ବା ୩ ମିଲି. ମିଟର ଜାଲିରେ ଛାଣି ଦିଆଯାଏ। କାରଣ ଏହାଦ୍ୱାରା କମ୍ପୋଷ୍ଟ ହୋଇ ନ ଥିବା ଅଂଶ ଓ ଏଥିରେ ଥିବା ଖୋସା ଗୁଡ଼ିକ ମଧ୍ୟ ଅଲଗା ହୋଇଥାଏ। ଖୋସାଗୁଡ଼ିକୁ ମାରିଦେବା ପାଇଁ ଖତକୁ ଖରାରେ ଶୁଖାଇବା ଅନୁଚିତ୍। କାରଣ ଏହାଦ୍ୱାରା ଖତର ମାନ କମିଯାଇଥାଏ।

**ଜିଆଖତର ବ୍ୟବହାର :-** ସାଧାରଣ କମ୍ପୋଷ୍ଟଠାରୁ ଜିଆଖତ ବା କମ୍ପୋଷ୍ଟର ମାନ ଯଥେଷ୍ଟ ଉନ୍ନତ। କାରଣ ଏଥିରେ ଅଧିକ ପରିମାଣର ଖାଦ୍ୟସାର ରହିବା ସଙ୍ଗେ ସଙ୍ଗେ ବିଭିନ୍ନ ପ୍ରକାରର ହରମୋନ୍, ଭିଟାମିନ୍ ଅଧିକ ଥିବାରୁ ଏହା ଫସଲର ଅଭିବୃଦ୍ଧିରେ ସାହାଯ୍ୟ କରିବା ସଙ୍ଗେ ସଙ୍ଗେ ଫସଲର ମାନ ବୃଦ୍ଧି କରିଥାଏ। ସାଧାରଣ ଖତରେ ଯବକ୍ଷାରଜାନ, ଫସଫରସ ଓ ପଟାସ୍ ଯଥାକ୍ରମେ ଶତକଡ଼ା ୦.୫, ୦.୨୫, ୦.୫ ଭାଗ ଥିବାବେଳେ ଜିଆଖତରେ ଏଗୁଡ଼ିକ ଶତକଡ଼ା ୧-୧.୫, ୦.୫-୦.୮, ୧.୨-୧.୫ ଭାଗ ଥାଏ। ଏହାଛଡ଼ା ଏଥିରେ ଅଣୁସାର ଓ ହ୍ୟୁମସର ପରିମାଣ ମଧ୍ୟ ଅଧିକଥାଏ। ଜୈବିକ ଅଙ୍ଗାର ଶତକଡ଼ା ୧୨ରୁ ୧୫ ଭାଗ ମଧ୍ୟରେ ଥାଏ। ଖାଦ୍ୟସାରର ପରିମାଣ ଖତ ପାଇଁ ବ୍ୟବହୃତ ଜୈବିକ ପଦାର୍ଥର ଉପାଦାନ ଉପରେ ନିର୍ଭର କରେ।

ପରୀକ୍ଷା ଦ୍ୱାରା ଜଣାଯାଇଛି ଯେ- ଧାନ ଫସଲରେ ଏକର ପିଛା ୨ ଟନ୍ ଜିଆ କମ୍ପୋଷ୍ଟ ସହ ୨ ଟନ୍ ଗୋବର ଖତ ମିଶାଇ ପ୍ରୟୋଗ କରିବା ଦ୍ୱାରା ଓ ଅନ୍

ପରିବା ପାଇଁ ୨ଟନ୍ ଜିଆ କମ୍ପୋଷ୍ଟ ସହ ୭-୮ଟନ୍ ଗୋବର ଖତ ମିଶାଇ ଦେ
ଦ୍ୱାରା ଅଧିକ ଅମଳ ମିଳିପାରୁଛି।

ଧାନ ଫସଲରେ ପିଲସାର ଓ ଗର୍ଭସାର ହିସାବରେ ମଧ୍ୟ ୩୦ କି.ଗ୍ର
ଜିଆ ଖତ ପ୍ରୟୋଗ କରାଯାଇପାରିବ।

ଫଳ ଗଛ ପାଇଁ ଗଛର ଚାରିପଟେ ଗୋଲାକାରରେ ମାଟି ଖୋଳି କି
ଶୁଖିଲା ଗୋବର କୁଣ୍ଡ ଓ କିଛି ହାଡ଼ଗୁଣ୍ଡ ଦେଇ ତା ଉପରେ ୨ରୁ୫ କି.ଗ୍ରା. ଜି
କମ୍ପୋଷ୍ଟ ପ୍ରୟୋଗ କଲାପରେ ମାଟି ଦ୍ୱାରା ଏହାକୁ ଘୋଡ଼ାଯାଇ ଦିଆଯାଏ ଓ ଉପ
ଶୁଖିଲା ଜୈବ ଆଚ୍ଛାଦକ ରଖି ମଝିରେ ମଝିରେ ଅଳ୍ପପାଣି ଦିଆଯାଇଥାଏ।

ଛୋଟ କୁଣ୍ଡ ଗଛରେ ୫୦ରୁ ୧୦୦ ଗ୍ରାମ୍ ଓ ବଡ଼ କୁଣ୍ଡ ଗଛରେ ୧୦୦
୨୦୦ ଗ୍ରାମ୍ ଜିଆଖତ ପ୍ରୟୋଗ କରାଯାଇଥାଏ।

**ଲାଭ ଓ କ୍ଷତି :-** ୨ମି. x ୧ମି x ୦.୭୫ମି. ଆୟତନ ବିଶିଷ୍ଟ ଗୋଟି
କୁଣ୍ଡରୁ ଜିଆ କମ୍ପୋଷ୍ଟ ତିଆରି କରିବା ପାଇଁ ଲାଭ ଓ କ୍ଷତିର କରାଗଲା।

| ସ୍ଥାୟୀ ଖର୍ଚ୍ଚ | | ଅସ୍ଥାୟୀ ଖର୍ଚ୍ଚ - | |
|---|---|---|---|
| ସିମେଣ୍ଟ କୁଣ୍ଡ | - ଟ. ୫୦୦.୦୦ | ଗୋବର | - ଟ.୫୦.୦ |
| ତାଳପତ୍ରର ଛାତ | - ଟ. ୫୦.୦୦ | ବିଲ ଅଳିଆ ଇତ୍ୟାଦି | - ଟ.୫୦.୦ |
| ଜିଆ ୨ କି.ଗ୍ରା | - ଟ.୧୦୦୦.୦୦ | ମୂଲ | - ଟ.୧୫୦.୦ |
| ତାରକାଲି | - ଟ. ୨୦୦.୦୦ | ଅମଳ | - ଟ. ୫୦.୦ |
| | | ଅନ୍ୟାନ୍ୟ | - ଟ. ୫୦.୦ |
| ମୋଟ | - ଟ.୧୭୫୦.୦୦ | ମୋଟ | - ଟ.୩୫୦.୦ |

**ଆଦାୟ :-**

ଜିଆ କମ୍ପୋଷ୍ଟ ପରିମାଣ ୪ ଥରରୁ କିଲୋପ୍ରତି ଟ.୫/-

| | |
|---|---|
| ହିସାବରେ ମୋଟ୍ ଆୟ | - ଟ.୪୦୦୦.୦୦ |
| ସ୍ଥାୟୀ ଖର୍ଚ୍ଚ ଉପରେ ସୁଧ | - ଟ. ୨୬୨.୦୦ |
| ଡ୍ରେପ୍ରିସି ଏସନ୍ | - ଟ. ୧୭୫.୦୦ |
| ମୋଟ୍ ଅସ୍ଥାୟୀ ଖର୍ଚ୍ଚ ୪ ଥର ପାଇଁ | - ଟ.୧୪୦୦.୦୦ |
| ବାର୍ଷିକ ଖର୍ଚ୍ଚର ପରିମାଣ | - ଟ.୧୮୩୭.୦୦ |
| ବାର୍ଷିକ ମୋଟ୍ ଲାଭ | - ଟ.୨୧୬୩.୦୦ |

ପ୍ରତି ୧ କିଲୋ କମ୍ପୋଷ୍ଟ ତିଆରି ପାଇଁ ଖର୍ଚ୍ଚ ଟ.୨.୩୦ପ.।

ପ୍ରତି ୧ ଟଙ୍କା ଖର୍ଚ୍ଚରୁ ଆଦାୟ ଟ. ୨.୧୮ ପ।